ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୨ ଗୋଟି ଅଭିଯୋଗ ମିଳିଥିଲା।ଏଥିରେ ବ୍ୟକ୍ତିଗତ ଅଭିଯୋଗ ୩୯ ଗୋଟି, ଗ୍ରାମ ଅଭିଯୋଗ ୧୦ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୨ ଗୋଟି ଓ ୧ ଗୋଟି ରେଡକ୍ରସ ରୁ ସହାୟତା ସମ୍ପର୍କରେ ରହିଥିଲା। ତନ୍ମଧ୍ୟରୁ ୯ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା।ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଏସପି ବିନୀତ ଅଗ୍ରୱାଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଉପଜିଲ୍ଲାପାଳ ଗୋପୀନାଥ କୁଅଁର,ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର, ସିଡିଏମଓ ଡା ରୂପଭାନୁ ମିଶ୍ର,ତହସିଲଦାର ଅଭିଷେକ ଦାଶ, ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

ଇସ୍ରାଏଲ ସେନା ବେସ୍ ଉପରେ ପ୍ରଚଣ୍ଡ ହମ୍ଲା
୪ ସୈନିକ ମୃତ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଥମିବାର ନାଁ ନେଉନାହିଁ। ଇସ୍ରାଏଲ ସେନା ଓ ଲେବାନନ ସହ ହେଜବୁଲ୍ଲା ସଂଗଠନ ମଧ୍ୟରେ ଘମାଘୋଟ ଲଢେଇ ଲାଗି ରହିଛି। ତେବେ ଏସବୁ ଭିତରେ ଇସ୍ରାଏଲ ସେନା ବେସ୍ ଉପରେ ଲେବାନନ ଓ ହେଜବୁଲ୍ଲା ପକ୍ଷରୁ ରକେଟ୍ ଓ ଡ୍ରେନ୍ ମାଡ଼ କରାଯାଇଛି। ଏଥିରେ ୨୫ଟି ରକେଟ ଓ ଡ୍ରୋନ୍ ମାଡ଼ କରାଯାଇଥିବା ହେଜବୁଲ୍ଲା ପକ୍ଷରୁ କୁହାଯାଇଛି। ଫଳରେ ଇସ୍ରାଏଲର ୪ ସୈନିକଙ୍କ ମୃତ୍ୟୁ ଘଟିଛି। ଏବେ ହେଜବୁଲ୍ଲା ଇସ୍ରାଏଲର ମିଲିଟାରୀ ବେସ୍‌କୁ ଟାର୍ଗେଟ କରୁଛି । ଏଥିରେ ୬୭ଜଣ ଗୁରୁତର ଆହତ ହୋଇଛନ୍ତି । ଇସ୍ରାଏଲର କିଛି ଯବାନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ରବିବାର ବିଳମ୍ବିତ ରାତିରେ ଉତ୍ତର ଇସ୍ରାଏଲର ସେନା ବେସ୍ ଉପରେ ଏହି ଆକ୍ରମଣ କରାଯାଇଥିଲା। ଅନ୍ୟପକ୍ଷରେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକୁ ଇରାନ ଚେତାବନୀ ଦେବା ସହ ଖୋଲାଖୋଲି ଧମକ ଦେଇଛି। ତୈଳ ଗଚ୍ଛିତ ରଖୁଥିବା ସାଉଦୀଆରବ, ୟୁଏଇ, ଜୋର୍ଡାନ ଓ କତାର ଭଳି ରାଷ୍ଟ୍ରକୁ ଇରାନ ଏଭଳି ଚେତାବନୀ ଦେଇ କହିଛି ଯେ ଯଦି ସେମାନଙ୍କ ଏୟାର ସ୍ପେଶ କିମ୍ବା କୌଣସି ଅଞ୍ଚଳକୁ ଇରାନ ଉପରେ ଆକ୍ରମଣ କରିବା ପାଇଁ ଇସ୍ରାଏଲକୁ ବ୍ୟବହାର କରିବା ପାଇଁ ଦିଆଯାଏ ତେବେ ପରିଣାମ ଭୟଙ୍କର ହେବ। ଏହି ରାଷ୍ଟ୍ରଗୁଡ଼ିକ ଆମେରିକାର ସହଯୋଗୀ। ଆମେରିକା ଖୋଲାଖୋଲି ଭାବେ ଇସ୍ରାଏଲକୁ ସମର୍ଥନ କରୁଥିବାରୁ ଆମେରିକା ବୁଦ୍ଧିରେ ଆରବ ରାଷ୍ଟ୍ରଗୁଡ଼ିକ ମଧ୍ୟ ଇସ୍ରାଏଲକୁ ସହଯୋଗ କରିବାର ଆଶଙ୍କା ଥିବା ଇରାନ ଅନୁଭବ କରୁଛି । ଏଥିପାଇଁ ସେମାନଙ୍କୁ ସତର୍କ କରାଇ ଦେଇଛି। ଯଦି ଇସ୍ରାଏଲ ସେମାନଙ୍କ ଦେଶରୁ ଇରାନ ଉପରେ ଆକ୍ରମଣ କରେ ତେବେ ପରିସ୍ଥିତି ଭୟଙ୍କର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ବୋଲି ଇରାନ କହିଛି।

ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଫେରାର

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍ ଭି ୮୦ ନମ୍ବର ଗ୍ରାମରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି । ଘରେ କେହି ନଥିବା ଦେଖି ରାତି ଅଧରେ ଜଣେ ବିବାହିତ ଯୁବକ ଯୁବତୀଙ୍କ ଘର ଭିତରେ ପଶି ଜୋରଜବରଦସ୍ତ ଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି । ଘଟଣାଟି ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଏମଭି ୮୦ ଗ୍ରାମରେ ଗତ ୧୨ ତାରିଖ ରାତି ଗୋଟାଏ ରୁ ଦୁଇ ଟା ଭିତରେ ଘଟିଥିବା ଜଣା ପଡିଛି । ରବିବାର ୧୯ ବର୍ଷୀୟ ପୀଡିତା ଯୁବତୀ ଜଣଙ୍କ ମୋଟୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାଟି ଜଣାପଡିଛି । ଅଭିଯୋଗ ପାଇବା ପରେ ମୋଟୁ ପୁଲିସ ସୋମବାର ପୀଡିତାର ମାଲକାନଗିରି ମେଡିକାଲରେ ଡାକ୍ତରୀମାଇନା କରିବା ପରେ ଘଟଣାର ଛାନଭିନ ଆରମ୍ଭ କରିଛି । ସେପଟେ ଦୁଷ୍କର୍ମ କରିଥିବା ଏମଭି ୮୦ ଗ୍ରାମର ୨୬ ବର୍ଷୀୟ ବିବାହିତ ଯୁବକ ଅଶୋକ ସରକାର ଫେରାର ଥିବାର ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ ଯୁବତୀର ମାଆଙ୍କ ପୂର୍ବରୁ ମୃତ୍ୟୁ ହୋଇ ସାରିଥିବା ବେଳେ ବାପା ରାତିରେ ମାଛ ମାରିବାକୁ ନିକଟସ୍ଥ ପୋଖରୀକୁ ଯାଇଥିଲେ । ଯୁବତୀ ଜଣଙ୍କ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଜୋର ଜବରଦସ୍ତ ଘରେ ପଶି ମାରିଦେବାକୁ ଧମକ ଦେଇ ଦୁଷ୍କର୍ମ କରିଥିବାର ଯୁବତୀ ମୋଟୁ ଥାନାରେ ଅଭିଯୋଗ କରିଥିବାର ଜଣାପଡିଛି । ଏ ସମ୍ପର୍କରେ ମୋଟୁ ଥାନାରେ ଅଭିଯୁକ୍ତ ଯୁବକ ବିରୁଦ୍ଧରେ ଦୁଷ୍କର୍ମ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା କହିଛନ୍ତି ସବ ଇନ୍ସପେକ୍ଟର ଲକ୍ଷ୍ମୀଧର ଲେଙ୍କା ।

କାର୍ତ୍ତିକ ମାସ ପରେ ଆହୁରି ସୁବିଧା ହେବ ମହାପ୍ରଭୁଙ୍କ ଦର୍ଶନ

ପୁରୀ (ଭାସ୍କର ନ୍ୟୁଜ) : ଆସନ୍ତା କାର୍ତ୍ତିକ ମାସ ପରେ ମହାପ୍ରଭୁଙ୍କ ଦର୍ଶନ ଆହୁରି ସୁବିଧା ଓ ସହଜ ହେବ। ଏନେଇ ଗତ ୮ ତାରିଖରେ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା। ଗତ ପରିଚାଳନା କମିଟି ବୈଠକରେ ଓବିସିସି ଦ୍ୱାରା ନାଟମଣ୍ଡପରୁ ଶୃଙ୍ଖଳିତ ଦର୍ଶନ ନେଇ ଆଲୋଚନା ହୋଇଥିବା ବେଳେ ଛତିଶାନିଯୋଗ ବୈଠକ ଏହା ଉପରେ ମୋହର ମାରିଛି। ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରିବାକୁ ବୈଠକରେ ଆଲୋଚନା ହୋଇଥିବା ବେଳେ କାର୍ତ୍ତିକ ମାସ ପରେ ପୁରୁଷ ଭକ୍ତ,ଦିବ୍ୟାଙ୍ଗ ଭକ୍ତ, ମହିଳା ଭକ୍ତ, ଶିଶୁ ଓ ବୟସାଧିକ ବୃଦ୍ଧବୃଦ୍ଧାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅଲଗା ଅଲଗା ଲାଇନ୍ ବା ଧାଡି ବ୍ୟବସ୍ଥା ହେବ। ଭକ୍ତମାନେ ସାତପାହାଚ ଦେଇ ପ୍ରବେଶ କରି ଘଣ୍ଟିଦ୍ୱାର ଦେଇ ପ୍ରସ୍ଥାନ କରିବେ। ସମୁଦାୟ ୬ଟି ଲାଇନ୍ ରେ ଭକ୍ତମାନେ ପ୍ରବେଶ କରିବା ସହ କାଠ ବ୍ୟାରିକେଡ୍ ଦେଇ ଭକ୍ତମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ। ତେବେ ସ୍ୱତନ୍ତ୍ର କାଠ ବ୍ୟାରିକେଡ୍‌ରେ ଭକ୍ତମାନେ ଦର୍ଶନ କରିବା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ବ୍ୟାଘାତ ହେବନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। କାଠ ବ୍ୟାରିକେଡ୍‌କୁ ଉଚ୍ଚତା ସମ୍ପନ୍ନ କରିବା ସହ ଗରୁଡସ୍ତମ୍ଭ ପାଖରୁ ଭକ୍ତମାନେ ଦର୍ଶନ କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ୬ଟି ଲାଇନ୍‌କୁ ତିନିଭାଗରେ ବିଭକ୍ତ କରାଯାଇ ଏହି ଦର୍ଶନ ବ୍ୟବସ୍ଥା ଆଗାମୀ ଦିନରେ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି। ସେପଟେ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗୁଁ ଭକ୍ତଙ୍କ ଦର୍ଶନ ଶୃଙ୍ଖଳିତ ହେବ ଓ ଏହାକୁ ନେଇ ତ୍ରୁଟି ଦେଖାଗଲେ ଏହାର ନିରାକରଣ ପାଇଁ ଚେଷ୍ଟା କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି।

କେନ୍ଦୁଝରର ଝୁମ୍ପୁରାରେ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ ସହ କମିଟି ସଦସ୍ୟଙ୍କ ସହିତ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଜବରଦଖଲ ଉଚ୍ଛେଦ

ବୋଲଗଡ଼ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ତହସିଲ ଅଞ୍ଚଳର ବିଭିନ୍ନ ଗ୍ରାମରେ ସରକାରୀ ଜମି ଜବରଦଖଲ କରିବା ନେଇ ବହୁ ଅଭିଯୋଗ ହୋଇଥିବା ବେଳେ ଏହାକୁ ମୁକ୍ତ କରିବା ପାଇଁ ତହସିଲଦାରଙ୍କୁ ଆବେଦନ କରିଛନ୍ତି ।ସେହି କ୍ରମରେ ଡ଼ାବରଧୁଆ ପଞ୍ଚାୟତ ଅସନପଲ୍ଲୀ ଗ୍ରାମର ଜନୈକ ବ୍ୟକ୍ତି ସରକାରୀ ଜମିକୁ ଦଖଲ କରି ୧୦ ବଖରା ଛାତ ଘର ନିର୍ମାଣ କରିଥିବା ବେଳେ ଏହାକୁ ସୋମବାର ଦିନ ଉଚ୍ଛେଦ କରାଯାଇଛି ।ବୋଲଗଡ଼ ତହସିଲଦାର ନିବେଦିତା ପରିଡ଼ା ଉପସ୍ଥିତ ରହି ପୂର୍ବରୁ ଦେଇଥିବା ବିଜ୍ଞପ୍ତି ମୁତାବକ ନିର୍ଦ୍ଧାରିତ ସମୟରେ ଏହି ଉଚ୍ଛେଦ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଛନ୍ତି। ଦୁଇଟି ଜେସିବି ସାହାଯ୍ୟରେ ରୋଷେଇ ଘର,ପାଇଖାନା ଓ ଗାଧୁଆ ଘରକୁ ମିଶାଇ ପ୍ରାୟ ୧୦ ବଖରା ଘର ଉଚ୍ଛେଦ ହୋଇ ମାଟିରେ ମିଶିବା ସହ ସଂପୃକ୍ତ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇଛି। ଏହି ଘର ନିର୍ମାଣ ସମୟରେ ଗ୍ରାମବାସୀ ବହୁ ବିରୋଧ କରୁଥିବା ବେଳେ ସଂପୃକ୍ତ ବ୍ୟକ୍ତି ଧମକଚମକ ଦେଇ ଗଣ୍ଡଗୋଳ କରିଥିଲେ । ଏଥିନେଇ ଥାନାରେ ଅଭିଯୋଗ ହୋଇଥିଲା ଏବଂ ଗ୍ରାମର ଶତାଧିକ ମହିଳାପୁରୁଷ ମାନେ ବୋଲଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ଅନଶନ କରିବା ସହ ଅନେକ ଥର ଜବରଦଖଲ ମୁକ୍ତ ପାଇଁ ତହସିଲଦାରଙ୍କୁ ନିବେଦନ କରିଥିଲେ। ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା।

ଜାତୀୟ ଜଳ ସମ୍ମାନ ୨୦୨୩
ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ସମ୍ମାନ

ନୂଆଦିଲ୍ଲୀ: ସୋମବାର ନୂଆଦିଲ୍ଲୀରେ ଜାତୀୟ ଜଳ ସମ୍ମାନ-୨୦୨୩ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି ଶ୍ରେଷ୍ଠ ରାଜ୍ୟ ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପୁଡୁଚେରୀ ଓ ଗୁଜରାଟ ତୃତୀୟ ସ୍ଥାନରେ ରହିଛନ୍ତି। କେନ୍ଦ୍ରମନ୍ତ୍ରୀ ସି.ଆର.ପାଟିଲ ଏ ନେଇ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶାକୁ ଏହି ପୁରସ୍କାର ଘୋଷଣା ପରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି। ସରକାର ମଧ୍ୟ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

ସମ୍ବଲପୁରରେ ଦୁର୍ଗାପୂଜା ମଣ୍ଡପ ବୁଲିଲେ ଧର୍ମେନ୍ଦ୍ର
ଦୁର୍ଗାପୂଜା ଆମ ସଂସ୍କୃତି, ସଦଭାବନାର ଅବିଚ୍ଛେଦ୍ୟ ଅଙ୍ଗ

ଭୁବନେଶ୍ୱର/ସମ୍ବଲପୁର (ଭାସ୍କର ନ୍ୟୁଜ): ଆମର ପର୍ବ ପର୍ବାଣୀ ଗୁଡ଼ିକ ଆମର ପରିଚୟ । ଦୁର୍ଗା ପୂଜା ସାମାଜିକ ସମରସତାର ଅନନ୍ୟ ବିଭବ । ଆମର ସଂସ୍କୃତି ଏବଂ ସାମୂହିକ ସଦଭାବନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦଶହରା ଅବସରରେ ସମ୍ବଲପୁରରେ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ଦର୍ଶନ କରିବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗତ ୧୨ ଓ ୧୩ ତାରିଖ ଦୁଇଦିନ ଧରି କେନ୍ଦ୍ରମନ୍ତ୍ରୀ ଦଶହରାରେ ବିଭିନ୍ନ ମନ୍ଦିର ଓ ଦୁର୍ଗାପୂଜା ମଣ୍ଡପ ଦର୍ଶନ କରିଥିଲେ । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର, ସମ୍ବଲପୁରର ମା' ପାଟଣେଶ୍ୱରୀ ମନ୍ଦିରରେ ଠାକୁରାଣୀଙ୍କ ଆଶୀର୍ବାଦ ନେଇଥିଲେ । ଅନେକ ସ୍ଥାନରେ ଦୁର୍ଗା ପୂଜା ମଣ୍ଡପ ଓ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଦର୍ଶନ ସହ ଆରାଧନା କରିଥିଲେ । ଅଇଁଠାପାଲି ଠାରେ ଆୟୋଜିତ ରାବଣ ପୋଡ଼ି ଉତ୍ସବ - ୨୦୨୪ରେ ସାମିଲ ହୋଇ ରାବଣ ଦହନ କରିଥିଲେ । ନୂଆପଡ଼ା ବରେଇପାଲି ଠାରେ ବାପୁଜି କ୍ଲବ ପକ୍ଷରୁ ଆୟୋଜିତ "ନୂଆଁଖାଇ ଭେଟଘାଟ୍ - ୨୦୨୪" କାର୍ଯ୍ୟକ୍ରମରେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିବିଶେଷ ଓ ସମାଜସେବୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୁର୍ଗା ପୂଜା କେବଳ ଏକ ପର୍ବ ନୁହେଁ ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଆସୁରିକ ଶକ୍ତି ଉପରେ ଦିବ୍ୟଶକ୍ତି ; ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ । ଆମର କଳା, ସଂସ୍କୃତି, ପରମ୍ପରାକୁ ଉଜାଗର କରିବାର ଅନନ୍ୟ ଅବସର । ମା'ଙ୍କ ଉପାସନା ଐତିହ୍ୟରେ ଶତାବ୍ଦୀ ଶତାବ୍ଦୀର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଲୁକ୍କାୟିତ । ସେ ଆହୁରି କହିଛନ୍ତି ଯେ ପର୍ବ ପର୍ବାଣୀରେ ସମ୍ବଲପୁର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଦୁର୍ଗା ପୂଜା ମଣ୍ଡପ ବୁଲିବା ସମୟରେ ଅନେକ ଗୁରୁଜନ, ମାତୃଶକ୍ତି, ଶ୍ରଦ୍ଧାଳୁ ଏବଂ ବନ୍ଧୁମାନଙ୍କୁ ଭେଟି ବହୁତ ଖୁସି ଅନୁଭବ ହେଲା । ଦୁର୍ଗାପୂଜା ମେଢ ଗୁଡ଼ିକ ଖୁବ ଆକର୍ଷଣୀୟ ହୋଇଛି । ବିଭିନ୍ନ ପୂଜାମଣ୍ଡପରେ ସୁସଜ୍ଜିତ ତୋରଣ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଛି । ଅଭିନବ ଶୈଳୀରେ ନିର୍ମିତ ହୋଇଥିବା ତୋରଣ ଗୁଡ଼ିକ ଶିଳ୍ପୀଙ୍କ ସୃଜନଶୀଳତାକୁ ଦର୍ଶାଉଛି । ପ୍ରଭୁ ଶ୍ରୀରାମ, ମା' ଦୁର୍ଗା ଓ ମା' ସମଲେଇଙ୍କ ଆଶୀର୍ବାଦରୁ ସମାଜରୁ ଅନ୍ଧକାର ରୂପକ ରାବଣ ବିଲୁପ୍ତ ହେଉ । ଆମ ରାଜ୍ୟ ଓ ଦେଶ ପ୍ରଗତିର ପଥରେ ଆଗକୁ ଯାଉ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରାର୍ଥନା କରିଛନ୍ତି ।

୧୭ରେ ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ

କେନ୍ଦୁଝର (ଭାସ୍କର ନ୍ୟୁଜ): ଆସନ୍ତା ୧୭ ତାରିଖଠାରୁ ଦୁଇଦିନିଆ ମୁମ୍ବାଇ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏ ନେଇ ସୋମବାର ପଦ୍ମପୁରରେ ଆୟୋଜିତ ବିଜେପିର ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। କେନ୍ଦୁଝରରେ ଏକ ଷ୍ଟିଲପ୍ଲାଣ୍ଟ ସ୍ଥାପନ ପାଇଁ ସେଠାରେ ରୋଡ୍ ଶୋ କରିବା ସହ ନିବେଶକମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

"e"-PROCUREMENT NOTICE
GOVERNMENT OF ODISHA.
WORKS DEPARTMENT
B-383

Bid Identification No.01/QC CTC/2024-25
E-mail: eeqcctc@gmail.com

1. Executive Engineer, Quality Control (R&B) Division Cuttack, on behalf of Governor of Odisha, invites online bids/ tenders from eligible reputed/ISO Certified laboratory equipment manufacturers or their authorized distributors /dealers in double cover system for supply of various laboratory equipment/ machineries for Central laboratory (R&B) Cuttack and Zonal laboratories (R&B) Chandikhol and Dhenkanal under Quality Control (R&B) Division, Cuttack including their installation, commissioning & operational training under terms and conditions contained in the bid document.
2. Cost of Tender Paper : Rs. 6000.00
3. Availability of bid document on in the website : From 12.30 P.M. of 15.10.2024 to 5.00 PM of 29.10.2024
4. Date of opening of Bid : Dt.30.10.2024 at 11.30 AM
5. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

Sd/- Executive Engineer,
Quality Control (R&B) Division, Cuttack
OIPR 34119/11/0002/2425

B-405
E-mail ID: cebuildings_orissa@yahoo.co.in
Tel. -(0674)- 2391523
OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
No. B-IV-H(H&D) – 66/22 Letter No. 39238 Dt. 7th october 2024

Invitation for Bids
Bid Identification No. CE (B) – 10/ 2024-25

1.	The Chief Engineer, Buildings on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for the Building works (STP, ETP) on Turnkey basis (i.e. Design & execution of ETP & STP).		
2.	Nature of work	:	Building works (Establishment of STP & ETP)
3.	Nos. of work	:	01No.
4.	Cost of Bid Document	:	₹.10,000/- (Each)
5.	Class of Contractor	:	Super Class
6.	Availability of Bid Documents in the website	:	From dt. 15.10.2024 to 05:30 P.M. of dt. 04.11.2024
7.	Pre –bid meeting		Dt. 23.10.2024 at 11.30 AM
8.	Last dt. Of Submission of hardcopy		Dt. 08.11.2024 up to 5:30 PM
9.	Date of Opening of Bid	:	Dt. 11.11.2024 at 11:30 AM.
10.	The Bidders have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.		

OIPR 34117/11/0024/2425
Sd/- Chief Engineer, Buildings, Odissa

A-401
e-mail: srgeologistbolangir@gmail.com
GOVERNMENT OF ODISHA
OFFICE OF THE DEPUTY DIRECTOR, GEOLOGY, GROUND WATER DEVELOPMENT DIVISION, BOLANGIR
Jyotinagar, Laltikra, P.O : Rajendra College, Dist- Bolangir, PIN -767002
Letter No. 518 Date 08.10.2024
NATIONAL COMPETITIVE BIDDING THROUGH e-Procurement
Identification No.03/GWBLGR/2024-25 of 2024-25 Dt. 08-10-24
e-Procurement Notice

01.	Name of the Work	:	4nosWork.
02.	Type of Bid.	:	Single System
03.	Estimated Cost	:	Rs. 07.23 Lakhs to 19.58 Lakhs
04.	Period of Completion	:	02 Calendar Months
05.	Date & Time of availability of bid document in the portal	:	From 11.00 AM of dt.17.10.2024 to 5.00 PM of 28.10.2024
06.	Last date / time of receipt of bids in the portal	:	5.00 PM of 28.10.2024.
07.	Date & Time of opening of technical bids	:	At 11.30 AM of 29.10.2024.
08.	Name and Address of the Officer Inviting Bid	:	Deputy Director, Geology, Ground Water Development Division, , Jyotinagar, Laltikra, Po- Rajendra College 767002, Bolangir Dist- Bolangir

Further details can be seen from the web site http://tenders.ori.nic.in or www.tendersorissa.gov.in
OIPR 32471/11/0005/2425
Sd/- Deputy Director, Geology, G.W.D. Division, Bolangir

PARADIP PORT AUTHORITY
HARBOUR WORKS DIVISION No.I
e -TENDER CALL NOTICE
e-TCN No.CE/HWDI/ACCTS-04/24/332, dtd. 08.10.2024
Name of the work : "Providing connecting Road leading from Gate No.3 to Gate No.4 alongside the PICT Railway Track inside Harbour area". Put to tender Value : Rs.7,92,84,501.26 plus GST as applicable. Last Date & time of submission of tender through online bidding is 29.10.2024 up to 17:15 Hrs. For details, please log on to the Website : https://eprocure.gov.in/eprocure/app .
Executive Engineer,
Harbour Works Division No.I, PPA
PPA/PR/43/2024-2025, Dt.10/10/2024

MCL
ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ୍
www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5226

ଡିବିଏସ
ନିଲାମ ନୋଟିସ୍
ଏତଦ୍ୱାରା ଆମ ବ୍ୟାଙ୍କରୁ ନିମ୍ନଲିଖିତ ଗହଣା ଋଣ ନେଇଥିବା ଗ୍ରାହକ ଋଣ ସୁଝିବାରେ ବିଫଳ ହୋଇଛନ୍ତି। ଋଣ ସୁଝିବା ପାଇଁ ତାଙ୍କ ନିକଟକୁ ବାରମ୍ବାର ରିମାଇଣ୍ଡର ଓ ରେଜିଷ୍ଟର ପୋଷ୍ଟ ଯୋଗେ ଚିଠି ପଠାଯାଇଥିଲେ ମଧ୍ୟ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ତେଣୁ ଯଦି ସେମାନେ ୨୨.୧୦.୨୦୨୪ ପୂର୍ବରୁ କିମ୍ବା ନିର୍ଦ୍ଧାରିତ ତାରଖରେ ଋଣ ସୁଝି ନ ପାରନ୍ତି ତେବେ ସେ ବନ୍ଧକ ରଖିଥିବା ଗହଣା ସେହିଦିନ ଅର୍ଥାତ ୨୨.୧୦.୨୦୨୪ ପୂର୍ବାହ୍ନ ୧୧ଟାରେ ନିଲାମ୍ କରାଯିବ କିମ୍ବା ଯେଉଁଦିନ ବ୍ୟାଙ୍କର ବି ସୁବିଧା ହେବ ସେହିଦିନ ନିଲାମ କରାଯିବ। ଏ ନେଇ କୌଣସି ଅଧିକ ସୂଚନା ତାଙ୍କୁ ଦିଆଯିବ ନାହିଁ। ବ୍ୟାଙ୍କ ପକ୍ଷରୁ ସର୍ବସାଧାରଣରେ ବ୍ୟାଙ୍କ ପରିସରରେ ଇ-ଆକ୍ସନ ପ୍ଲାଟଫର୍ମ https://egold.autctiontiger.net. ରେ ନିଲାମ କରାଯିବ।

ସୂଚନା ନମ୍ବର	ଗ୍ରାହକଙ୍କ ନାମ	ଶାଖାର ନାମ	ଆନୁମାନିକ ଓଜନ	ମୋଟ ଓଜନ
୨୧୨୩୨୦୧୧	ଗୌତମ ମିତ୍ର	କଟକ	୬୩,୦୦	୫୩.୫୦

ତାରିଖ: ୧୧.୧୦.୨୦୨୪ ଅଧିକୃତ ଅଧିକାରୀ
ସ୍ଥାନ: ଚେନ୍ନାଇ ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍
ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍, ଯାହାକି ସିଙ୍ଗାପୁରସ୍ଥିତ ଡିବିଏସ୍ ବ୍ୟାଙ୍କ ଲିମିଟେଡରୁ ଲାଇସେନ୍ସପ୍ରାପ୍ତ ସହଯୋଗୀ କମ୍ପାନୀ

AU SMALL FINANCE BANK
Registered Office : 19-A Dhuleshwar Garden, Jaipur, Rajasthan, India, 302001.
www.aubank.in
LOAN AGAINST GOLD - AUCTION NOTICE ON "AS IS WHERE IS" BASIS
The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on 19 Oct 2024 between 11:00 AM - 3:00 PM (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.
E-Auction Branch Details (E-auction will be conducted by using Weblink https://gold.samil.in)
BHADRAK - 24660000005379 24660000020270 24660000160875 24660000435209 24660001289185 24660001415920 | CUTTACK - 24660000090066 24660001289515 | CUTTACK - LINK ROAD - 24660000072101 24660001377390 24660001428605 24660001453017 | HINJILICUT - 23660002347432 24660001294895 24660001505641 | JAJPUR - 24660000010949 24660001487153 | KUAKHIA - 24660000010029 24660000597213 |
Note: The auction is subject to certain terms and conditions mentioned in the bid form, which is made available before the commencement of auction.
Sd/-
Manager
AU Small Finance Bank Limited

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଅର୍ଥନୀତିରେ...

ପୁରସ୍କାର ପ୍ରଦାନ କରାଯିବ । ଚଳିତବର୍ଷ ମେଡ଼ିସିନ, ଫିଜିକ୍ସ, କେମିଷ୍ଟ୍ରି, ସାହିତ୍ୟ, ଶାନ୍ତି ପାଇଁ ନୋବେଲ ବିଜେତାଙ୍କ ନାମ ପୂର୍ବରୁ ଘୋଷଣା କରାଯାଇ ସାରିଛି। କେବଳ ଅର୍ଥଶାସ୍ତ୍ର ବାକି ରହିଥିଲା, ଯାହା ସୋମବାର ଘୋଷଣା କରାଯାଇଛି। ପ୍ରତିବର୍ଷ ଅକ୍ଟୋବର ୭ ତାରିଖରୁ ଏହି ୫ଟି କ୍ଷେତ୍ରରେ ବିଜେତାଙ୍କ ନାମ ଘୋଷଣା କରାଯାଇଥାଏ। ନୋବେଲ ବିଜେତାଙ୍କୁ ପୁରସ୍କାର ରାଶି ସ୍ୱରୂପ ୧୦ ନିୟୁତ ସ୍ୱିଡେନ କ୍ରୋନୋର ପ୍ରଦାନ କରାଯାଇଥାଏ ।

ଟ୍ରମ୍ପଙ୍କୁ ପୁଣି...

କାଉଣ୍ଟିଂ ସରିଫ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଟ୍ରମ୍ପଙ୍କ ରାଲି ଆରମ୍ଭ ହେବାର କିଛି ମିନିଟ୍ ପୂର୍ବରୁ ଏକ ଚେକ୍ ପଏଣ୍ଟରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନାମ ୱେମ୍ ମିଲର। ସେ ଲସ୍‌ଭେଗାସ୍‌ର ବାସିନ୍ଦା। ତାଙ୍କ ନିକଟରେ ଏକ ପ୍ରେସ୍ କାର୍ଡ ଓ ଭିଭିଆଇପି ପାସ୍ ମଧ୍ୟ ରହିଥିଲା। ତାଙ୍କ ନିକଟରୁ ଏକ ବନ୍ଧୁକ ମଧ୍ୟ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଦୁଇଥର ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରାଯାଇଥିଲା। ଜୁଲାଇ ୧୩ରେ ତାଙ୍କ ଉପରକୁ ଗୁଳି ଚଳାଯାଇଥିଲା। ଦେବେ ଦୁର୍ବୃତ୍ତଙ୍କୁ ଟ୍ରମ୍ପ ସୁରକ୍ଷାକର୍ମୀ ଗୁଳିକରି ହତ୍ୟା କରିଥିଲେ। ଏହାପରେ ଦ୍ୱିତୀୟ ଥରପାଇଁ ତାଙ୍କୁ ଆକ୍ରମଣ ଉଦ୍ୟମ ହୋଇଥିଲା। ଗଲ୍ଫ କୋର୍ଟରେ ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ କରୁଥିବାବେଳେ ରିଆନ ୱେସ୍‌ଲି ରାଓଥ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା।

ଓଡ଼ିଶାରୁ ଫେରିଗଲା...

ଧିରେ ଅନ୍ୟ ଜିଲ୍ଲାରେ ପ୍ରବେଶ କରିଥିଲା। ହେଲେ ସବୁ ଜିଲ୍ଲାକୁ ଛୁଇଁପାରି ନଥିଲା। ଫଳରେ ରାଜ୍ୟର ସବୁ ଜିଲ୍ଲାରେ ଭଲ ବର୍ଷା ହୋଇନଥିବାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇନଥିଲା। ତେବେ ପରବର୍ତ୍ତୀ ସମୟରେ ବିଳମ୍ବରେ ହେଲେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଚାଷକାର୍ଯ୍ୟ ସହ ଉତ୍ତର ଓଡ଼ିଶାରେ ବନ୍ୟାସ୍ଥିତି ଉପୁଜିଥିଲା। ତେବେ ପାଗ ଅନୁକୂଳ ହେବାରୁ ଏବେ ମୌସୁମୀ ଫେରିବାରେ ଲାଗିଛି।

ନିରାକରଣ ପାଇଁ...

ଗୁଜରାଟ ଇତ୍ୟାଦି ରାଜ୍ୟକୁ ଯାଉଥିବା ଦେଖିବାକୁ ମିଳୁଛି। କେଉଁଠି ଦାଦନ ଖଟୁଥିବା ଲୋକଙ୍କୁ ମାଲିକ ମାନସିକ ନିର୍ଯାତନା ଦେଉଛି ତ ଆଉ କେଉଁଠି ମଜୁରି ଦେଉନାହିଁ। ଭୋକ ଉପାସରେ ସେମାନେ ଦିନ ଦିନ କାଳ କାଟୁଛନ୍ତି। ଏପରିକି ମାଲିକମାନେ ମଜୁରି ବଦଳରେ ମାଡ଼ ମାରୁଥିବାର ଅଭିଯୋଗ ହେଉଛି। ବହୁ ସ୍ଥଳରେ ଦାଦନ ମୃତ ଅବସ୍ଥାରେ ମଧ୍ୟ ଘରକୁ ଫେରୁଛି । ଏସବୁର ନିରାକରଣ ପାଇଁ ରାଜ୍ୟ ସରକାର ଏକ ବଡ଼ଧରଣର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଦାଦନ ପ୍ରଥା ରୋକିବା ପାଇଁ ରାଜ୍ୟ ସରକାର ସୋମବାର ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏହି ଟାସ୍କଫୋର୍ସ ଗଠନ କରାଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଦସ୍ୟଭାବେ ରହିବାକୁ ଥିବାବେଳେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ସମେତ ଅନ୍ୟ ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବ ସଦସ୍ୟଭାବେ କାର୍ଯ୍ୟ କରିବେ । ଏହି ଟାସ୍କଫୋର୍ସ ଦାଦନ ସମସ୍ୟାର ନିରାକରଣ ପାଇଁ ଦିଗଦର୍ଶନ ଦେବ। ଏପରିକି ସମସ୍ୟା ଦୂର ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ମଧ୍ୟ ସ୍ଥିର କରିବ। ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକୁ ମଧ୍ୟ ଟାସ୍କଫୋର୍ସ ସୁପାରିସ କରିବ। ଏହି ଟାସ୍କଫୋର୍ସ ପ୍ରତି ୬ ମାସରେ ଅନ୍ୟୁନ ଥରେ ବୈଠକ କରି ଦାଦନ ଦୂରୀକରଣ ଦିଗରେ ନିଆଯାଇଥିବା ପ୍ରଗତି ଓ ଆନୁସଙ୍ଗିକ ପ୍ରସଙ୍ଗ ଗୁଡ଼ିକର ମଧ୍ୟ ସମୀକ୍ଷା କରିବ। ତେବେ ଦାଦନ ସମସ୍ୟାକୁ ନେଇ ବିଭିନ୍ନ ମହଲରୁ ସରକାରଙ୍କୁ ପୂର୍ବରୁ ବିରୋଧୀଦଳ ଘେରୁଥିବାବେଳେ ଏବେକାର ସରକାର ଏହାର ନିରାକରଣ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।